

୭ମ ବର୍ଷ ● ୧୨୩ଶ ସଂଖ୍ୟା ● ଅଗଷ୍ଟ ୨୦୧୮

ରିପୋର୍ଟ : 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ
ଆମ ମତ: ସ୍ୱାଧୀନତାକୁ ଠିକଣା ଭାବରେ ବୁଝିପାରିଛୁ କି ?
ଆସ ଜାଣିବା: ଆମ ରାଷ୍ଟ୍ରୀୟ ପ୍ରତୀକ
ଆମ ମହାପୁରୁଷଙ୍କ ଜୀବନ କାହାଣୀ: ଉତ୍କଳର ମଣି; ଉତ୍କଳମଣି
ଗପ : ଟୁପ୍‌ଲି ଗଲା ଥାନାକୁ, ଏମିତି ଗୀତ ଗାଉଥା', ମଧୁବନର ମାଧବ, ...
କବିତା: ଦେଶ ସେବକ ମୁଁ ହେବି, ମିନିର ସପନ, ହୋଇବା ଆମେ ମିତ, ...
ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।

## ରିପୋର୍ଟ:

ଗତ ୨ ଜୁଲାଇ ୨୦୧୮ରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେ ସଂପର୍କରେ ତୁମମାନଙ୍କ ପାଇଁ ଏହି ରିପୋର୍ଟ।

## ଆମ ମତ:

ଆମେ ସ୍ୱାଧୀନତା ହାସଲ କରିବାର ଦୀର୍ଘ ବର୍ଷ ପରେ ମଧ ସ୍ୱାଧୀନତାକୁ ଠିକଣା ଭାବରେ ବୁଝିପାରିଛୁ କି ? ଏ ବିଷୟରେ କୁନାକୁନିମାନେ ରଖିଛନ୍ତି ନିଜ ନିଜର ମତ।

## ଆସ ଜାଣିବା: ଆମ ରାଷ୍ଟ୍ରୀୟ ପ୍ରତୀକ

### ଲେଖିକା : ସ୍ମିତା ନାୟକ

ଆମ ସ୍ୱାଧୀନ ଭାରତ ଦେଶର ବିଭିନ୍ନ ଚିହ୍ନ ଓ ଜୀବଜନ୍ତୁକୁ ରାଷ୍ଟ୍ରୀୟ ପ୍ରତୀକର ମାନ୍ୟତା ଦିଆଯାଇଛି। ସବିଶେଷ କଥା ଏହି ଲେଖାଟିରେ ସ୍ଥାନ ପାଇଛି।

## ଆମ ମହାପୁରୁଷଙ୍କ ଜୀବନ କାହାଣୀ : ଉତ୍କଳର ମଣି; ଉତ୍କଳମଣି

### ଲେଖକ : ଶରତ କୁମାର ନାୟକ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଯଥାର୍ଥରେ ଉତ୍କଳର ମଣି। ତାଙ୍କ ଜୀବନର ବିଭିନ୍ନ ଘଟଣାକୁ ନେଇ ରଚିତ ଏହି ଲେଖାଟି।

## ଆମ ପରିବେଶର କଥା : ଲାଲ ଟୁକୁଟୁକୁ ସାଧବ ବୋହୂ

### ଲେଖକ : ତ୍ରିନାଥ ପଟ୍ଟନାୟକ

ଏବେ ହୁଏତ ଆମେ ପ୍ରାୟ ଆଉ ସାଧବପୋକମାନଙ୍କୁ ବର୍ଷାଦିନରେ ଦେଖିବାକୁ ପାଉନାହୁଁ। ସେହି ସୁନ୍ଦର ପୋକ ଉପରେ ଲିଖିତ ଏହି ଲେଖାଟି।

## ଗପ: ଟୁପ୍‌ଲି ଗଲା ଥାନାକୁ

### ଲେଖକ: ଦାଶ ବେନହୁର

ପିଲାମାନେ ସାଧାରଣତଃ ପୋଲିସ ଦେଖିଲେ ଡରନ୍ତି। କିନ୍ତୁ ଟୁପ୍‌ଲି ଥାନାକୁ ଥରେ ବୁଲି ଯାଇଥିଲା ବୋଲି, ସେ ପାଇଥିବା ଏକ ମୂଲ୍ୟବାନ କଲମ ନେଇ ଥାନାରେ ଦେଇଥିଲା। ସେ କେମିତି ପ୍ରଶଂସା ପାଇଲା, ତାହା ହିଁ ଗପର ବିଷୟବସ୍ତୁ।

## ଗପ: ଏମିତି ଗୀତ ଗାଉଥା

### ଲେଖିକା: ସବିତା ଭୋଇ

କୋଇଲି, ବଗ ଓ ଶୁଆ ତିନିଜଣ ଏକାଠି ବାସ କରୁଥିଲେ ମଧ; କୋଇଲିକୁ ବଗ ଓ ଶୁଆ କେମିତି ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। କିନ୍ତୁ ପରେ ଦୁହେଁ ନିଜର ଭୁଲ ବୁଝି ପାରିଲେ, ଏହା ହିଁ ଗପର ସାରମର୍ମ।

## ଗପ: ମଧୁବନର ମାଧବ

### ଲେଖକ: ରତ୍ନାକର ମଲ୍ଲିକ

ମାଧବ ଥିଲା ଗରିବ କାଠୁରିଆ। କିନ୍ତୁ ଭାଗ୍ୟବଳରେ ହୋଇଗଲା ଜଙ୍ଗଲ ରାଇଜର ରଜା। ଶେଷରେ ପୁଣି ସେ ଫେରିଆସିଲା ନିଜ ଗାଁକୁ, ଏହି କଥାକୁ ନେଇ ଲିଖିତ ଏହି ଗପଟି।

**କବିତା: ଦେଶ ସେବକ ମୁଁ ହେବି**
**ଲେଖିକା : ଶୋଭନା ଜେନା**
ଛୋଟ ପିଲାଟିଏ କିପରି ସୈନିକ ହେବ ଓ ଦେଶର ସେବା କରିବ, ତାହା ହିଁ କବିତାର ବିଷୟବସ୍ତୁ।

**କବିତା: ମିନିର ସପନ**
**ଲେଖକ: ପବିତ୍ର କବି**
ମିନି ସପନ ଦେଖିଲା, କିନ୍ତୁ କାହିଁକି ସପନ ମଣିଷ ଦେଖେ, ସେ କଥା ପଚାରିଚି ଏହି କବିତାଟି ମାଧ୍ୟମରେ।

**କବିତା: ହୋଇବା ଆମେ ମିତ**
**ଲେଖକ: କୁଞ୍ଜବିହାରୀ ସାହୁ**
ମାଟି ଦୀପାଳି ଓ ମହମବତି ପରସ୍ପର କଳି ଲାଗିଲେ। ମାତ୍ର ଶେଷରେ ବୁଝିଲେ ଦୁଇଜଣଯାକଙ୍କର ଏକାକାମ। ଏହାହିଁ କବିତାର ସାରକଥା।

**କବିତା: ଏଇ ତା' ମହତ ଦାନ**
**ଲେଖକ : ପ୍ରଶାନ୍ତ କୁମାର ମଙ୍ଗରାଜ**
ଗଛଟିଏ କିପରି ମଣିଷ ସମାଜକୁ ମହତ ଦାନ ଦେଇଥାଏ, ସେ ସଂପର୍କରେ ଏହି କବିତାଟି।

**କବିତା: ଭାଇଭଉଣୀଙ୍କ ନୂଆ କାହାଣୀ**
**ଲେଖିକା : ଚିରଶ୍ରୀ ଇନ୍ଦ୍ରସିଂ**
ଭାଇ ଓ ଭଉଣୀଙ୍କୁ ନେଇ ଏକ ନୂତନ ଧାରାରେ ଏହି କବିତାଟି ରଚିତ ହୋଇଛି।

**କବିତା: ଜାତୀୟ ଚିହ୍ନ**
**ଲେଖିକା : ଶକୁନ୍ତଳା ମିଶ୍ର**
ଆମ ଦେଶର ବିଭିନ୍ନ ଜାତୀୟ ଚିହ୍ନକୁ ଏହି କବିତା ମାଧ୍ୟମରେ ଚିହ୍ନାଇ ଦିଆଯାଇଛି।

**ସାହସିକତାର କାହାଣୀ : ଭିନ୍ନ ଏକ ମହାଭାରତ ଯୁଦ୍ଧ; ଜୀବନ ପାଇଁ**
**ଲେଖକ : ସରଳ କୁମାର ଦାସ**
ନିକଟରେ ଥାଇଲାଣ୍ଡର ଗୁମ୍ଫାରୁ ଉଦ୍ଧାର ହୋଇଥିବା ଯୁବ ଫୁଟବଲ ଦଳର ପିଲାମାନଙ୍କ ଜୀବନ ସଂଗ୍ରାମର କାହାଣୀ ରୂପ ନେଇଛି ଏହି ଲେଖାରେ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ପ୍ରଥମଥର ପାଇଁ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶାରୁ ରାଜ୍ୟସଭାକୁ ମନୋନୀତ ହେଲେ ଦୁଇ ଓଡ଼ିଆ, ଓଡ଼ିଶା ହେବ ପ୍ଲାଷ୍ଟିକ ମୁକ୍ତ ଓ ଓଡ଼ିଶାରେ ହେବ 'ବିଦେଶ ଭବନ'।

**ତୁମ ପାଇଁ ଖବର**
କର୍କଟରୁ ରକ୍ଷା କରେ କଦଳୀ ପତ୍ର, ବୟସ୍କମାନଙ୍କୁ ଫେସ୍‌ବୁକ ଦେଉଛି ଆନନ୍ଦ, ପ୍ଲାଷ୍ଟିକ ଷ୍ଟ୍ର ବଦଳରେ ବାଉଁଶ ଷ୍ଟ୍ର, ଦିନକୁ ଦିନ ବଢୁଛି ଅନ୍‌ଲାଇନ୍‌ରେ ଟିକଟ ବୁକିଂ, ଶୀତତାପ ନିୟନ୍ତ୍ରଣ ଯନ୍ତ୍ରରେ ଲାଗିବ କଟକଣା ଓ ମୋଟର ସାଇକେଲର ଦାମ ୧୨ କୋଟି ଟଙ୍କା।

**ଖେଳ ଖବର**
ଦୌଡ଼କୁଦରେ ଇତିହାସ ରଚିଲେ ହିମା, ୪ର୍ଥ ଥର ପାଇଁ ଜୋକୋଭିକ୍‌ଙ୍କୁ ୱିମ୍ବଲଡନ୍ ଟ୍ରଫି ଓ ୨୦୨୨ରେ ପରବର୍ତ୍ତୀ ଫିଫା ବିଶ୍ୱକପ୍।

**ଚଳଚ୍ଚିତ୍ର ଖବର**
ପ୍ରେମ୍ କୁମାର, ବ୍ଲାକ୍‌ମେଲ ଓ ଚମକିବ କଳିଙ୍ଗ ଷ୍ଟୁଡ଼ିଓ।

ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :

କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୫୩', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି ।

■■■